# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ନଭେମ୍ବର ୨୦୨୪

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ସମସ୍ତଙ୍କୁ ପିଇବା ପାଣି ଯୋଗାଣ

*1 ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀର କରଞ୍ଜିଆ ଏବଂ ଠାକୁରମୁଣ୍ଡା ବ୍ଲକରେ ପିଇବା ପାଣିର ଘୋର ଅଭାବ ରହିଅଛି, ଏହି ଦୁଇ ବ୍ଲକରେ "ହରଘର ନଲ ହରଘର ଜଲ" ସ୍କିମ୍ ରେ କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଏବଂ କେତୋଟି ଅସମ୍ପୂର୍ଣ୍ଣ ରହିଅଛି, ଏହି ଦୁଇ ବ୍ଲକର ସମସ୍ତଙ୍କୁ କେବେସୁଦ୍ଧା ପିଇବା ପାଣିର ବ୍ୟବସ୍ଥା ହୋଇପାରିବ ?

----

### ଚଣ୍ଡିଖୋଲକୁ NAC ମାନ୍ୟତା

*2 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତାରକା ପ୍ରଶ୍ନ 23.07.24 ରେ ପ୍ରଦତ୍ତ ଉତ୍ତର ଆଧାରରେ ଚଣ୍ଡିଖୋଲକୁ NAC ମାନ୍ୟତା ଦେବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଅପେକ୍ଷାରେ ଥିଲା ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ, ଗତ ଫେବ୍ରୁଆରୀ ମାସରେ ସରକାର ଘୋଷଣା କରିଥିବା ଚଣ୍ଡିଖୋଲ ସମେତ 57ଟି ପ୍ରସ୍ତାବିତ NAC ସମ୍ପର୍କରେ ଯାଜପୁର ଜିଲ୍ଲାପାଳଙ୍କ ସହ ଅନ୍ୟ ଜିଲ୍ଲାପାଳଙ୍କ ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହୋଇଛି କି, ଯଦି ହଁ ତେବେ ଚଣ୍ଡିଖୋଲକୁ କେବେସୁଦ୍ଧା NAC ର ମାନ୍ୟତା ମିଳିବ ?

----

## ହାତୀ ଉପଦ୍ରବ ରୋକିବା ପାଇଁ ପଦକ୍ଷେପ

*3 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୋଳ ଜିଲ୍ଲାର ଅନୁଗୋଳ ଏବଂ ବଁଅରପାଳ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢିବାରେ ଲାଗିଛି ଏହାକୁ ରୋକିବା ପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଦ୍ୱାରା ରାସ୍ତା ନିର୍ମାଣ

*4 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଚଳିତ ୨୦୨୪ - ୨୫ ବର୍ଷରେ କେତେ କିଲୋମିଟର ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଏହି PMGSY ଯୋଜନାରେ କି କି ଆଧାରରେ ପ୍ରକଳ୍ପମାନ ସିଦ୍ଧାନ୍ତ କରାଯିବ ତାର ବିବରଣୀ ଦେବେ କି ?

----

## ପ୍ରତି ବର୍ଷ ଲେବର କାର୍ଡ ନବୀକରଣ କରାଯିବା

*5 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଶ୍ରମ ବିଭାଗର ନିୟମ ଅନୁଯାୟୀ ପ୍ରତ୍ୟେକ ଲେବର କାର୍ଡକୁ ପ୍ରତି ବର୍ଷ ନବୀକରଣ କରାଯିବା କଥା ଓ ଯଦି ସେ ଶ୍ରମିକ ତାହା କରିପାରିନାହାନ୍ତି, ତାହାକୁ 3 ବର୍ଷ ଭିତରେ କରିବାର ପ୍ରାବଧାନ ଅଛି ଅନ୍ୟଥା ତାହା ବାଜ୍ୟାପ୍ତ ହୋଇଯିବ, ଯେହେତୁ ଶ୍ରମିକମାନେ ଏହି ବିଷୟରେ ଅଜ୍ଞ, ତେଣୁ ଶ୍ରମ ବିଭାଗ ତରଫରୁ ସେମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲା କିମ୍ବା ବ୍ଲକସ୍ତରରେ କୌଣସି ସଚେତନତା ଶିବିରର ଆୟୋଜନ କରାଯାଉଛି କି, ଏଥିସହିତ ଲେବର କାର୍ଡ ହୋଲ୍ଡର ଶ୍ରମିକମାନଙ୍କୁ ନବୀକରଣ ପୂର୍ବରୁ ମୋବାଇଲ ମାଧ୍ୟମରେ ଓଡିଆ ଭାଷାରେ Online Auto Generated Reminder Message ଯିବାର କିଛି ବ୍ୟବସ୍ଥା ସରକାରଙ୍କର ଅଛି କି, ଯଦିନାହିଁ ତାହା କେବେସୁଦ୍ଧା ଆରମ୍ଭ କରିବାର ଯୋଜନା ଅଛି ?

----

## ନୂତନ ବ୍ଲକ ଗଠନର ନିୟମ

*୬ **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ନୂଆ ବ୍ଲକ ଗଠନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ନିୟମ କ'ଣ, ଏହାର ବିବରଣୀ ଉପସ୍ଥାପନ କରିବେ କି; ବ୍ଲକ ଗଠନ ହେବା ପରଠାରୁ ଭାରତ ବର୍ଷର କେଉଁ ରାଜ୍ୟରେ ନୂଆ ବ୍ଲକ ଗଠନ ହୋଇଥିବା ତଥ୍ୟ ସରକାରଙ୍କଠାରେ ଉପଲବଧି ହେବ କି ; ଉପଲବଧ ହେଉଥିଲେ ତାହା କେଉଁଠି; ଏହି ଅନୁସାରେ ସରକାର ରାଜ୍ୟ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରିବେ ?

----

## ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା

*7 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କଟକ ମହାନଗର ନିଗମର ୪୮ ଓ ୪୯ ନମ୍ବର ୱାର୍ଡ଼ରେ ଥିବା ଜଗତପୁର ଅଞ୍ଚଳରେ ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ସମ୍ପାଦନ ପାଇଁ ଏହାକୁ ଜାଇକା ସ୍କିମରେ ଅନ୍ତର୍ଭୁକ୍ତ ଅଥବା ନଗର ଉନ୍ନୟନ ବିଭାଗର ପ୍ଲାନବଜେଟରେ ସାମିଲ କରି ଏହାକୁ ସମ୍ପାଦନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## CDAକୁ ମିଳିଥିବା ଅର୍ଥ ରାଶି ଖର୍ଚ୍ଚ

*୫ **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) Chilika Development Authority ଗତ ୫ବର୍ଷରେ କେତେ ଟଙ୍କାର ସହାୟତା ରାଶି ଓ ଗ୍ରାଣ୍ଟ କେଉଁ ଉଦ୍ଦେଶ୍ୟରେ ସରକାରଙ୍କ ଠାରୁ ପାଇଛନ୍ତି; ଏହି ଅର୍ଥ ରାଶିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ସବିଶେଷ ତଥ୍ୟ ଦେବା ସହ ସମସ୍ତ ଅର୍ଥ ରାଶି ସରକାରଙ୍କ ନିୟମ ଅନୁସାରେ ଖର୍ଚ୍ଚ ହୋଇଛି କି ନାହିଁ ତାହା ଜଣେଇବେ କି ; (ଖ) ଚିଲିକା ଉପକୂଳରେ ମତ୍ସ୍ୟଜୀବୀମାନଙ୍କର ଦୈନନ୍ଦିନ ଜୀବନର ଉନ୍ନତି ପାଇଁ CDA ର କି କି ବ୍ୟବସ୍ଥା ରହିଅଛି ; ଏଥିପାଇଁ CDA କି କି ପଦକ୍ଷେପ ଗ୍ରହଣ କରିଅଛି ବା କରିବେ ଜଣାଇବା ସହ ଏହା ଦ୍ୱାରା କେତେ ମତ୍ସ୍ୟଜୀବୀ ଉପକୃତ ହୋଇଛନ୍ତି ବା ହେବେ ତାହାର ବିସ୍ତୃତ ବିବରଣୀ ଉପସ୍ଥାପନ କରିବେ କି ?

----

## ଗ୍ରାମୀଣ ବିକାଶ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

*୨ **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦଶନ୍ଧି ଦଶନ୍ଧି ଧରି ବିଷମକଟକ ତହସିଲ କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥା ରେ ଅଛି ଏଥି ସହ ତହସିଲ କର୍ମଚାରୀ ମାନଙ୍କ କ୍ୱାର୍ଟର, ତହସିଲ ଡାକ ବଙ୍ଗଳା ଏଭଳି ଅନେକ କୋଠା ବାଡ଼ି ଯାହାର ମରାମତି ଓ ନିର୍ମାଣ ଦାୟିତ୍ୱ ଗ୍ରାମୀଣ ବିକାଶ ବିଭାଗର ହୋଇଥିଲେ ହେଁ ସେ ସବୁ ପ୍ରତି ବିଭାଗ କୌଣସି ଦୃଷ୍ଟି ନ ଦେବା ସତ୍ୟ କି, ଏଥି ସହ ଗ୍ରାମୀଣ ବିକାଶ ବିଭାଗ ଆନୁକୂଲ୍ୟରେ ରାସ୍ତା ନିର୍ମାଣ କରାଯାଉଛି ହେଲେ ରାସ୍ତା ନିର୍ମାଣ ପରେ ତାର ମରାମତି, ରକ୍ଷଣାବେକ୍ଷଣ ପାଇଁ ଯେଉଁ ରାଶି ବିଭାଗ ପାଖରେ ଜମା ରହିଥାଏ, ଖର୍ଚ୍ଚ ନ କରାନଯାଇ ଅନ୍ତିମ ବର୍ଷ ରେ ଠିକାଦାର ଙ୍କୁ ବିଲ କରାଇ ଦିଅନ୍ତି ଏଥି ସହ ବିଷମ କଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଗତ ୩ବର୍ଷ ମଧ୍ୟରେ ଗ୍ରାମୀଣ ବିକାଶ ବିଭାଗ କଣ ସବୁ ପ୍ରକଳ୍ପ ହାତକୁ ନେଇଛି, ସେଗୁଡିକ ର ସ୍ଥିତି ସମ୍ପର୍କ ରେ ତଥ୍ୟ ପ୍ରଦାନ ସହ ଆଗାମୀ ବର୍ଷ ପାଇଁ କଣ ସବୁ ଯୋଜନା ରହିଛି ସେ ସମ୍ପର୍କ ରେ ସୂଚନା ଦେବେ କି ?

----

## ଶ୍ରମିକ ସଂଗଠନର ସଂଖ୍ୟା

*10 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ଜିଲ୍ଲାରେ କେତେ ଶ୍ରମିକ ସଂଗଠନ ମାନେ ନିର୍ମାଣ ଶ୍ରମିକଙ୍କ ପାଇଁ କାମ କରୁଛନ୍ତି , ସେମାନେ ଏହି ଶ୍ରମିକ ମାନଙ୍କ ପାଇଁ କେଉଁ କେଉଁ କାମ କରିପାରିବେ, ସେମାନଙ୍କର ନାମ ଓ ଠିକଣା ଜଣାଇବେ କି ?

----

## Furnish of Mega Water Supply of Binka Block

*11 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many villages have been provided with pipe water supply in last 10 years, will the Govt. furnish the detail of Mega Water Supply and by what time villages of Binka Block and Dunguri Pali block will get water from the Mega Water Supply Project at Mahanadi Time extention of the project is whether genuine and mentioned the last date?

----

## PM ଆବାସ ଯୋଜନାରେ ଗୃହ ଯୋଗାଣ

*12 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜୟପୁର ପୌରାଞ୍ଚଳର କେତେ ପରିବାରଙ୍କୁ PM ଆବାସ ଯୋଜନାରେ ସାମିଲ କରାଯାଇଛି, ବାସଗୃହ ନଥିବା ପରିବାରକୁ କେତେ ଅର୍ଥ ଦିଆଯାଇଛି ଏବଂ କେତେ ବାସଗୃହ ନିର୍ମାଣ ନହୋଇ ବାକି ପଡିଛି, ବାଦ ପଡିଥିବା ବାସହିନ ପରିବାରକୁ କେବେ ସୁଦ୍ଧା ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ?

----

## ଗୋଚର ଜମିରେ ବୃକ୍ଷରୋପଣ

*13 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ ରାସ୍ତା ପାର୍ଶ୍ୱ ତଥା ଗୋଚର ଜମିରେ କେତୋଟି ଚାରା ରୋପଣ କରାଯାଇଛି, ଏବଂ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ପରିବେଶକୁ ଦୃଷ୍ଟିରେ ରଖି ବହୁଳ ଭାବରେ ବୃକ୍ଷ ରୋପଣ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ସଂଯୋଗ

*14 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନମଣ୍ଡଳୀର ସିମୁଳିଆ ଓ ଖଇରା ବ୍ଲକର କେଉଁ କେଉଁ ଗ୍ରାମ ଓ ପଡାଗ୍ରାମକୁ ରାସ୍ତା ସଂଯୋଗ ହୋଇନାହିଁ, ଉକ୍ତ ଗ୍ରାମଗୁଡିକୁ କେଉଁ କେଉଁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି ତାହାର ତଥ୍ୟ ଦେବେକି ଏବଂ ଏହି ରାସ୍ତାଗୁଡିକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ସଂଯୋଗ ପାଇଁ କି ପଦକ୍ଷେପ ନେଇଛନ୍ତି?

----

## ଦାଦନ ଶ୍ରମିକଙ୍କୁ ଥଇଥାନ

*15 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2023-2024 ଆର୍ଥିକ ବର୍ଷରେ କେତେଜଣ ଶ୍ରମିକ ଦାଦନ ଭାବରେ ବାହାର ରାଜ୍ୟକୁ ଯାଇଥିଲେ 2024, ଏପ୍ରିଲ 1 ରୁ ଅକ୍ଟୋବର 31 ଭିତରେ କେତେଜଣ ଦାଦନ ଶ୍ରମିକ ବାହାରକୁ ଯାଇଛନ୍ତି, ଜିଲ୍ଲାୱାରୀ ଏବଂ ବ୍ଲକୱାରୀ ତଥ୍ୟ ଦେବେକି, ରାଜ୍ୟ ସରକାର ରାଜ୍ୟ ବାହାରୁ କେତେଜଣ ଦାଦନ ଶ୍ରମିକଙ୍କୁ ବର୍ତ୍ତମାନସୁଦ୍ଧା ରାଜ୍ୟକୁ ଫେରେଇ ଆଣିଛନ୍ତି ଏବଂ ତନ୍ମଧ୍ୟରୁ କେତେଜଣଙ୍କୁ ଥଇଥାନ କରାଯାଇଛି ଏହାର ଜିଲ୍ଲାୱାରୀ ପରିସଂଖ୍ୟାନ ପ୍ରଦାନ କରିବେକି?

----

## ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା

*16 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କେବେସୁଦ୍ଧା ଶେଷ ହେବ, ଯେଉଁ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ସେହି ସବୁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ପାଇଁ ନୂତନ ନଳକୂପ ବସାଇବା ପାଇଁ ସରକାର ପ୍ରଚେଷ୍ଟା କରିବେ କି ?

----

## ଛୋଟ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ

***17 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବଡ଼ମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକ ଭଳି ଛୋଟ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କେଉଁ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଆର୍ଥିକ ଅନୁଦାନ ଆଣି ଏହାର ବିକାଶ ସାଧନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ହାତୀଦ୍ୱାରା ଫସଲହାନୀ

***18 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତେ ହାତୀ ଥିବାବେଳେ ବିଗତ ତିନି ବର୍ଷରେ ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗରୁ କେତେ ହାତୀ ଓଡିଶାକୁ ଅନୁପ୍ରବେଶ କରି କେତେ ଫସଲ ହାନୀ ଓ ସମ୍ପତ୍ତି କ୍ଷୟକ୍ଷତି କରିଛନ୍ତି ; ରାଜ୍ୟରେ ହାତୀ କରିଡର ନିର୍ମାଣ ସହ ହାତୀମାନଙ୍କ ପାଇଁ ଖାଦ୍ୟ ଅନୁକୂଳ ଜଙ୍ଗଲ ସୃଷ୍ଟି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## RD ରାସ୍ତାକୁ ବର୍ଷା ଜଳ ନିଷ୍କାସନ

***19 ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀରେ RD ରାସ୍ତାର ଦୁଇ ପାର୍ଶ୍ୱରେ ୧ ମିଟର ଲେଖାଏଁ ବର୍ଦ୍ଧ କରିବା କଥା କିନ୍ତୁ ତାହା ହେଉନାହିଁ, ବର୍ଷାଋତୁରେ ରାସ୍ତାର ଦୁଇ ପାର୍ଶ୍ୱରେ ଘାସ ଏବଂ ଅନାବନା ଗଛ ରାସ୍ତାକୁ ମାଡି ଯାଉଛି ଏବଂ ରାସ୍ତାର ଖାଲ ଖମାକୁ maintain କରିବା RD Deptt. ତରଫରୁ କି କି ପଦକ୍ଷେପ ନିଆଯାଉଛି ଏବଂ RD ରାସ୍ତାରେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ, ଏଥିପାଇଁ କି କି ପଦକ୍ଷେପ ନେଇଛନ୍ତି ?

----

## ଶ୍ରମିକଙ୍କ ସ୍ୱାର୍ଥକୁ ସୁନିୟନ୍ତ୍ରିତ କରିବା

***20 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ଛୋଟବଡ ସହରାଞ୍ଚଳମାନଙ୍କରେ ସକାଳ ୬ ଟାରୁ ସକାଳ ୯ଟା ମଧ୍ୟରେ ଦୈନିକ " ମଣିଷ ହାଟ" ମାନ ଲାଗୁଛି– ଓ ରାଜ୍ୟର ଏହି " ମଣିଷ ହାଟ " ଗୁଡିକରେ ଶ୍ରମିକଙ୍କ ସ୍ୱାର୍ଥକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି , (ଖ) ଏହି 'ମଣିଷ ହାଟ' ମାନଙ୍କରେ କେତେ ଲୋକେ ହାରାହାରି ଦୈନିକ ମୂଳ ମଜୁରୀ ପାଉଛନ୍ତି ଓ କେତେ ପାଉନାହାଁନ୍ତି ତାହାର ଆକଳନ ପାଇଁ ବ୍ୟବସ୍ଥା ନଥିବାର କାରଣ କ'ଣ , ଆକଳନ କରିଥିଲେ ଏହାର ଚିତ୍ର ଉପସ୍ଥାପନା କରିବେ କି ଏବଂ ଆକଳନ କରିବାର ପ୍ରକ୍ରିୟା ନଥିଲେ ଏହି ବାସ୍ତବତାକୁ ଗ୍ରହଣ କରି ଆଗାମୀ କାର୍ଯ୍ୟାନୁଷ୍ଠାନ କରିବେ କି , ଜବକାର୍ଡ ଥାଇ ମଧ୍ୟ ମୂଳମଜୁରୀ ନ ପାଉଥିବାରୁ ଏଭଳି ହାଟଗୁଡିକର ସଂଖ୍ୟା ବଢୁଥିବା ଯୋଗୁଁ ଏହି ସାମାଜିକ ସତ୍ୟତାକୁ ଉପଲବ୍ଧ କରି ଏହାର ସୁ-ନିରାକରଣ ପାଇଁ ଯୋଜନା ପ୍ରସ୍ତୁତ କରିବେ କି ?

----

## ନିର୍ମାଣାଧିନ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ

*21 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସରିଛି ଓ କେତୋଟି ନିର୍ମାଣାଧୀନ ଅବସ୍ଥାରେ ରହିଛି ଓ ଏଥରୁ କେତୋଟି ଧାର୍ଯ୍ୟ ସମୟ ମଧ୍ୟରେ ସରିପାରି ନାହିଁ, ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ କାର୍ଯ୍ୟରେ ବିଳମ୍ବ ଲାଗି କେଉଁ କେଉଁ ଜିଲ୍ଲାରେ କେଉଁ ଠିକାଦାରଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## Extablish a vending Zone

*22 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many shops have been demolished and removed from the Barabati - Cuttack area following the Hon'ble High Courts's order and in line with the department's guidelines ; (b) Where does the department plan to establish a vending zone to accommodate and rehabilitate these displaced shop owners, and what is the proposed timeline for providing them with alternative arrangements ?

----

## ନାଳି କଙ୍କଡାର ସୁରକ୍ଷା

*23 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତାଳସାରି ବେଳାଭୂମିରେ ଦେଖାଯାଉଥିବା ବିରଳ ନାଲି କଙ୍କଡାର ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର କିଛି ଯୋଜନା କରିଛନ୍ତି କି ; ଯଦି କରିନାହାନ୍ତି ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଧୀରେ ଧୀରେ ଲୋପ ପାଇଯାଉଥିବା ନାଲି କଙ୍କଡାର ସଂରକ୍ଷଣ ପାଇଁ ସରକାର ଏଭଳି କିଛି ଯୋଜନା ହାତକୁ ନେବେ କି?

----

## Pending of Projects

*24 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The allocation and utilization under Pradhan Mantri Gram Sadak Yojana ( PMGSY) in Odisha for 2023 - 24, including ; Length of roads completed, Number of habitations connected , district wise Progress & Pending Projects with timeline ?

----

## ସ୍ଥାୟୀ ନିଯୁକ୍ତି ପାଇଁ ବ୍ୟବସ୍ଥା

*25 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଅଧିନସ୍ଥ ରାଜ୍ୟ ସମସ୍ତ ଜିଲ୍ଲାଗୁଡ଼ିକ କାର୍ଯ୍ୟରତ ବାହ୍ୟ ନିଯୁକ୍ତି କର୍ମଚାରୀ, ଯେଉଁମାନେ ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଅଛନ୍ତି ଓ ନିର୍ବାଚନକୁ ସ୍ଥାୟୀ ନିଯୁକ୍ତି କରାଇବା ପାଇଁ ସରକାର ତରଫରୁ କି ବ୍ୟବସ୍ଥା ଅଛି କି, ଯଦି ହଁ ତେବେ କେବେ ସୁଦ୍ଧା କରାଯିବ, ଯଦି ନାଁ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ କି କି ପଦକ୍ଷେପ ନିଆଯାଇଅଛି ?

----

## ଗ୍ରାମ ପଞ୍ଚାୟତ ଗୁଡ଼ିକରେ ନିଜସ୍ୱ ସମ୍ବଳ ବୃଦ୍ଧି

*26 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜସ୍ୱ ସମ୍ବଳ ବୃଦ୍ଧି କରିବା ପାଇଁ କି କି ବ୍ୟବସ୍ଥା କରାଯାଇଛି , ନିଜସ୍ୱ ସମ୍ବଳ ଆଦାୟ କରୁଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକ ସେହି ଅର୍ଥକୁ ସଠିକ ବିନିଯୋଗ କରୁଛନ୍ତି କି ନାହିଁ ତାର ଉପଯୁକ୍ତ ତଦାରଖ କରିବା ପାଇଁ ସରକାର କେଉଁ ପନ୍ଥା ଅବଲମ୍ବନ କରୁଛନ୍ତି ; ନିଜସ୍ୱ ସମ୍ବଳ ସଂଗ୍ରହ ଓ ଏହାର ସଠିକ ବିନିଯୋଗ କ୍ଷେତ୍ରରେ ଗତ ୫ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକୁ କିଭଳି ପ୍ରୋତ୍ସାହିତ କରିଛନ୍ତି ?

----

## ବାସୁଦେବପୁର ପୌର ପାଳିକାରେ ଅର୍ଥ ବ୍ୟୟ

*27 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ପୌର ପାଳିକାରେ ରଥ ପରିକ୍ରମା ଯୋଜନାରେ କେତେ ଅର୍ଥ ସରକାର ପ୍ରଦାନ କରିଥିଲେ ଏବଂ ତାହା କେଉଁ କେଉଁ ଅଧିକାରୀଙ୍କ ଦ୍ୱାରା କେଉଁ କେଉଁ ୱାର୍ଡରେ ବିନିଯୋଗ କରାଯାଇଥିଲା ତାହାର ସମସ୍ତ ତଥ୍ୟ ଅବଗତ କରିବେ କି ?

----

## କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ

***28 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଏବଂ ଖରସ୍ରୋତା ନଦୀରେ ବିଗତ ପାଞ୍ଚ ବର୍ଷରେ କୁମ୍ଭୀର ଆକ୍ରମଣରେ କେତେ ଲୋକ ମୃତ୍ୟୁବରଣ କରିଛନ୍ତି, କୁମ୍ଭୀରମାନେ ତାଙ୍କର ନିର୍ଦ୍ଧାରିତ ପରିବେଶ ଭିତରୁ ବାହାରି ନଦୀର ଉପରମୁହାଁ ହେବାର କାରଣ କ'ଣ ?

----

## ରାସ୍ତା ନିର୍ମାଣ ଓ ମରାମତି ପାଇଁ ଅର୍ଥ ଖର୍ଚ୍ଚ

***29 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗତ ୫ ବର୍ଷ ଭିତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୋଟ କେତୋଟି କେତେ କିମି ରାସ୍ତା କେତେ ବ୍ୟୟରେ ସମ୍ପନ୍ନ ହୋଇଛି ଓ କେତେ ରାସ୍ତା କେତେ ଅର୍ଥରେ ମରାମତି ପାଇଁ ଖର୍ଚ୍ଚ ହୋଇଛି ଉତ୍ତର ଦେବା ସହ କେତୋଟି ନୂତନ ପୋଲ ବିଜୁ ସେତୁ କେତେ Building ନୂତନ ଭାବେ ହୋଇଛି କେତେ ଟଙ୍କା ପୁରୁଣା ପୋଲ, ସେତୁ ଓ ବିଲଡ଼ିଂ ରକ୍ଷଣାବେକ୍ଷଣ ନିମନ୍ତେ ଖର୍ଚ୍ଚ ହୋଇଛି ; ଗ୍ରାମ୍ୟ ଉନ୍ନୟ ବିଭାଗ ଦ୍ୱାରା ହେଉଥିବା ରାସ୍ତା ଗୁଡ଼ିକର quality ଓ ସେଠାରେ ବ୍ୟବହୃତ material ସବୁର quantity ସବୁ କେଉଁମାନେ ପରୀକ୍ଷା ନିରିକ୍ଷା କରିଥାନ୍ତି ?

----

## ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ

***30 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପଞ୍ଚାୟତିରାଜ ବିଭାଗ 24/25 ଆର୍ଥିକ ବର୍ଷରେ କେତେ କି.ମି. ସବୁଦିନିଆ ରାସ୍ତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହାର ବ୍ଲକୱାରୀ ତଥ୍ୟ ଓ କେଉଁ କେଉଁ ଯୋଜନାରେ କେତେ ରାସ୍ତା କରିବେ ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସଦର ନିର୍ବାଚନ ମଣ୍ଡଳୀରେ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଠାରୁ ଅଦ୍ୟାବଧି କେଉଁ ଯୋଜନାର କେଉଁ ପ୍ରକଳ୍ପର କେତେ ବିଲ୍ ପାସ ହୋଇଛି, ବିଲର ଆର୍ଥିକ ବ୍ୟବସ୍ଥା ଓ ତାରିଖ ସହ ଏହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----